# Akashvani, Sambalpur

# SAMBALPURI NEWS MORNING BULLETIN

# 26 May 2026 - 6.47- 6.52 am.

---

ଧାନ୍‌ଘିନା ବୈଠକ୍        ଆଇ ଆଣ୍ଡ ପି.ଆର୍

ରାଏଜେ ଖରିଫ୍ ବିପଣନ୍ ଋତୁ ୨୦୨୫-୨୬ ଲାଗି ଧାନ୍‌ଘିନା ପ୍ରକ୍ରିୟାକେ ସ୍ୱଚ୍ଛ ଆଉ ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଧାନ୍ ଘିନା ବେଲେ କ୍ଷୁଦ୍ର ଆଉ ନାମମାତ୍ର ଚାଷୀମାନ୍‌କର୍ ସ୍ୱାର୍ଥରକ୍ଷାକେ ସବୁନୁ ଅଏତ୍‌କା ପ୍ରାଥମିକତା ଦେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍ ସହେତେ ବେଆଇନ୍ କାର୍‌ବାର୍ ରୁକ୍‌ବାର୍ ଲାଗି ରାଜ୍ୟ ସିମ୍‌ନାକେ ସିଲ୍ କରାଯିବା, ମଣ୍ଡି ନ ଚାଷୀମାନ୍‌କର୍ ପରିଚୟ ପତ୍ର ଯାଂଚ୍ ଲାଗି ଆଇରିସ୍ ସ୍କେନ୍‌କେ ବାଧ୍ୟତାମୂଲକ୍ କରାଯିବା ଆଉ ଖାଲି ଧାନ୍ ମଣ୍ଡି ଭିତ୍‌ରେ ହିଁ ଧାନ୍ ଓଜନ୍ ହେବାର୍ ବାବ୍‌ଦେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଚାଷୀମାନ୍‌କର୍ ସମସ୍ୟାକେ ୨୪

ଘଂଟା ଭିତ୍‌ରେ ସମାଧାନ୍ କର୍‌ବାର୍ ଲାଗି ନୋଡ଼ାଲ୍ ଅଧିକାରୀ ନିଯୁକ୍ତ ହେବେ । ଗଲାବଛର୍‌ନୁ ଇ ବଛର୍ ଧାନ୍‌ଘିନା ୫ ଦଶ୍‌ମିକ୍ ୪/୮ ପ୍ରତିଶତ୍ ଆଉ ଚାଷୀମାନ୍‌କର୍ ସଂଖ୍ୟା ୧୪ ପ୍ରତିଶତ୍ ବଢ଼ିଛେ । ଅଏତ୍‌କା ଅମଲ୍ ହେଉଥିବା ଇଲାକା ନ ଭାରତୀୟ ଖାଦ୍ୟ ନିଗମ୍- ଏଫ୍‌ସିଆଇ ନୂଆଁ ଗୁଦାମ୍ ତିଆର୍ କର୍‌ବା ।

ଡିଜାଷ୍ଟର୍ ରିସ୍କ ରିଡକ୍ସନ୍ ୱାର୍କିଂ ଗ୍ରୁପ୍ ସମ୍ମିଳନୀ/ଆଇ ଆଣ୍ଡ୍ ପି.ଆର୍

ଭାରତ୍‌ର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନ୍‌ଥି ଆୟୋଜିତ୍ ହେବାର୍‌କେ ଥିବା ଡିଜାଷ୍ଟର୍ ରିସ୍କ ରିଡକ୍ସନ୍ ୱାର୍କିଂ ଗ୍ରୁପ୍ ର ବୈଷୟିକ୍ ସମ୍ମିଳନୀ ଆଏବା ୩ ନୁ ୫ ତାରିଖ୍‌ତକ୍ ପୁରୀ ନ ହେବା । ଇ ସମ୍ମିଳନୀଥି ବ୍ରାଜିଲ୍, ଋଷିଆ, ଚାଇନା, ଦକ୍ଷିଣ ଆଫ୍ରିକା ସହେତେ ୧୦ ଟା ବ୍ରିକ୍ସ ଦେଶର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍ ଦେବେ । ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ୍ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ଉପ୍‌ରେ ସମ୍ମିଳନୀଥି ଆଲୋଚନା କରାଯିବା । ବାତ୍ୟା ପରିଚାଳନା ପୂର୍ବସଚେତନତା ଆଉ ସଫଲ୍ ଉଦ୍ଧାର୍ କୌଶଲ୍ ଲାଗି ଓଡ଼ିଶା ଅନ୍ତର୍ଜାତୀୟସ୍ତର୍‌ଥି ପ୍ରଶଂସିତ୍

ହେଇଥିବାର୍‌ନୁ ଇ ବୈଠକ୍ ଆୟୋଜନ୍ ଲାଗି ରାଜ୍ୟକେ ବଛାଯାଇଛେ । ସମ୍ମିଳନୀ ଜରିଏ ଜ୍ଞାନ୍ ବିନିମୟ ଆଉ ନୂଆଁ ପ୍ରଯୁକ୍ତି ଉପ୍‌ରେ ଆଲୋଚନା ହେଇକରି ପାରସ୍ପରିକ୍ ସହଯୋଗ୍ ବର୍‌କସ୍ ହେବା ବଲି ଆଶ୍ କରାଯାଉଛେ ।

ନିଟ୍ ସ୍ନାତକ ପୁନଃ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମାସ ୨୧ ତାରିଖ୍ ଦିନ ସାରା ଦେଶେ ଫେର୍‌ଘାଏ ହେବାର୍‌କେ ଥିବା ନିଟ୍ ସ୍ନାତକ -୨୦୨୬ ପରୀକ୍ଷାକେ ସୁର୍‌ଖୁର୍‌ଥି ଆଉ ସଫଲତାର୍ ସହେତେ କର୍‌ବାର୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍- ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର କର୍ତୃପକ୍ଷ ମାନ୍‌କର୍ ସହଯୋଗ୍ ମାଗିଛନ୍ । ହଉଥିବା ଖରାକେ ନଜର୍‌ଥି ରଖିକରି ସବୁ ପରୀକ୍ଷା କେନ୍ଦ୍ରମାନ୍‌କେ ସୁରକ୍ଷିତ୍ ପିଇବାର୍ ପାଏନ୍ ପଙ୍ଖା, କୁଲର୍, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଉ ପରୀକ୍ଷାର୍ଥୀମାନ୍‌କର୍ ଲାଗି ଯା’ଆସ୍ ସୁବିଧା ସହେତେ ଅଲ୍‌ଗା ଜରୁରୀ ସୁବିଧା ସୁଯୋଗ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ସେ ସବୁ

ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଲ୍ ଆଉ ପ୍ରଶାସକ୍ ମାନ୍କୁ ଚିଠି ଜରିଏ ଆହ୍ୱାନ୍ ଦେଇଛନ୍ ।

ରଥଯାତ୍ରା- ବୈଠକ୍       ପୁରୀ ସମ୍ବାଦଦାତା

ସ୍ନାନଯାତ୍ରା ଆଉ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ ଆୟୋଜନ୍ କରାଯିବାର୍ ଲାଗି ପୁରୀ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍ଥି ଦଇତାପତି ନିଯୋଗ୍ର ସଭାପତି ସମ୍ପାଦକ୍ ଆଉ ସଦସ୍ୟମାନେ ଉପସ୍ଥିତ୍ ଥିଲେ । ସ୍ନାନଯାତ୍ରା ଆଉ ରଥଯାତ୍ରା ସମିଆଥି ନୀତିକାନ୍ତି ଆଉ ପହଣ୍ଡିକେ ଶୃଙ୍ଖଲିତ୍ ଭାବେ କର୍ବାର୍ ବାବ୍ଦେ ବୈଠକ୍ଥି ଆଲୋଚନା ହେଇଛେ । ମାହାପୁରୁମାନ୍କର୍ ସବୁ ନୀତିକାନ୍ତି ଧାରିଜ୍ ସମିଆ ଅନ୍ସାରେ କର୍ବାର୍କେ ନିଯୋଗ୍ ପ୍ରତିଶ୍ରୁତି ଦେଇଛେ । ଶୃଙ୍ଖଲିତ ପହଣ୍ଡି ଲାଗି ପ୍ରଶାସନ୍ ତର୍ଫୁ ଧାରିଜ୍ ହେଇଥିବା ସଂଖ୍ୟା ଅନ୍ସାରେ ଇ ସେବାୟତ୍ମାନେ ଉପସ୍ଥିତ୍ ରହେବେ । ରଥ ଉପ୍ରେ

ଅଯଥା ଭିଡ଼୍‌କେ କମାବାବାର୍ ବାବ୍‌ଦେ ବୈଠକଥି ନିଷ୍ପତି ନିଆଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଆକାଶ୍‌ବାଣୀ କଟକ୍- ପଦଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀର୍ ୯୦ ବଛର୍ ପୂର୍ତି ଅବ୍‌ସରେ କଟକ୍ ଆକାଶ୍‌ବାଣୀ କେନ୍ଦ୍ର ତର୍‌ଫୁ ଆଏଜ୍ ଗୁଟେ ପଦଯାତ୍ରାର୍ ଆୟୋଜନ୍ କରାଯାଇଛେ । କଟକ୍ ଜବାହାର୍‌ଲାଲ୍ ନେହେରୁ ଷ୍ଟାଡ଼ିୟମ୍‌ନୁ ସଖାଲର୍ ୭ ବଜେ ପଦଯାତ୍ରା ବାହାରିକରି ସହରର୍ ଭିନ୍ ଭିନ୍ ଜାଗା ବୁଲିକରି ଆକାଶ୍‌ବାଣୀ କଟକ୍ କେନ୍ଦ୍ର ପୁହୁଁଚିବା । ପଦଯାତ୍ରାକେ ଓଡ଼ିଶା ହାଇକୋର୍ଟରେ ବିଚାର୍‌ପତି ସାବିତ୍ରୀ ରଥୋ ଆଉ ବିଚାର୍‌ପତି ଶିବୋ ଶଙ୍କର୍ ମିଶ୍ର ପତାକା ଦେଖେଇକରି ଶୁଭାରମ୍ଭ କର୍‌ବେ । କଟକ୍ ମହାନଗର୍ ନିଗମ୍ ଆୟୁକ୍ତ କିରଣ୍‌ଦୀପ୍ କୌର୍ ସହୋଟା ପଦଯାତ୍ରାଥି ସାମିଲ୍ ହେବେ । ସମାଜ୍‌ର ଭିନ୍ ଭିନ୍ ବର୍ଗର ବ୍ୟକ୍ତିବିଶେଷ୍, ଆକାଶ୍‌ବାଣୀ କର୍ମଚାରୀ ଇ ପଦଯାତ୍ରାଥି ସାମିଲ୍ ହେଇଛନ୍ ।

ଆକାଶ୍‌ବାଣୀ ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ଆଏଜ୍ ତାର୍ ୬୪ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୬୩ ମସିହାର ଆଝିର୍ ଦିନେ

ସମ୍ବଲପୁର ଆକାଶ୍‌ବାଣୀ କେନ୍ଦ୍ର ଥାପ୍‌ନା ହେଇଥିଲା । ୨୦ କିଲୋୱାଟ୍ ଟ୍ରାନ୍ସମିଟର୍ ପ୍ରସାରଣ୍‌ନୁ ମୁଲ୍ ହେଇଥିବା ଇ କେନ୍ଦ୍ର ଏଛେନ୍ ଶହେ କିଲୋୱାଟ୍ କ୍ଷମତାର୍ ଡିଜିଟାଲ୍ ପ୍ରସାରଣ୍ କରୁଛେ । ଆକାଶ୍‌ବାଣୀ କେନ୍ଦ୍ର ସମ୍ବଲ୍‌ପୁର୍ ପଶ୍ଚିମ ଓଡ଼ିଶାର୍ କଲା ଆଉ ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ଦିଗେ ବଡ଼୍ ଭୂମିକା ନେଇକରି ଶ୍ରୋତାମାନ୍‌କର୍ ମନ୍ ଜିତି ପାରିଛେ । ଇତାର୍‌ସଙ୍ଗେ କେନ୍ଦ୍ରନୁ ପ୍ରସାରିତ ହେଉଥିବା ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ୍  ସାଙ୍ଗେ ଫି’ ଘଂଟାର୍ ମୁଖିଆ ସମ୍ବାଦ୍ ପ୍ରସାରଣ୍ ଲାଗି ଲୋକ୍‌ମାନେ ତାଁକର୍ ନିଜର୍ ଭାଷାଥି ଖବର୍ ପାଇପାରୁଛନ୍ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ଲାଗି ରହିଛେ । ଆଏବା ୪ ଦିନ୍‌ତକ୍ ପାଗ୍ ଏନ୍ତା ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଗରମ୍ ସାଙ୍ଗେ ଗୁଳଗୁଳି ବଢ଼୍‌ବା ବଲି ସମ୍ବଲ୍‌ପୁର୍ ଆଉ ବଲାଙ୍ଗିର୍ ଜିଲ୍ଲାକେ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୨୧ ଟା ଜିଲ୍ଲା ନ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍ ସମ୍ଭାବନା ରହିଛେ ।